# Akashvani, Sambalpur

## SAMBALPURI NEWS EVENING BULLETIN

## 4 July 2024- 7.02 pm- 7.12 pm.

*********************************************

୧- ଓଡ଼ିଆ ଭାଷା ଆଉ ସାହିତ୍ୟର୍ ପ୍ରସାର୍ ଲାଗି ଅନୁବାଦ ଏକାଡେମୀ ଗଠନ୍ କରାଯିବା- କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୨- ରାଜ୍ୟର୍ ଦୁର୍ବଲ୍ ନଦୀବନ୍ଧ ଆର୍ ଆଘୋନୁ ହେଇଥିବା ଘାଇକେ ଜଲ୍ଦି ମରାମତି କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

୩- ଓଡ଼ିଶା ନ କାର୍ଯ୍ୟକାରୀ ହେବା କେନ୍ଦ୍ର ସର୍‌କାର୍‌ଙ୍କର୍ ସମନ୍ୱିତ ମହିଳା ସଶକ୍ତିକରଣ୍ କାର୍ଯ୍ୟକ୍ରମ୍ - ମିଶନ୍ ଶକ୍ତି ।

ଆଉର୍

୪- କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ମୁଲ୍ ହେଲା ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ୍ ।

ମୁଖ୍ୟମନ୍ତ୍ରୀ-ଲୋକସେବା ଭବନ୍ ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଲୋକସେବା ଭବନ୍‌ର ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଲୟନୁ ସର୍‌କାରୀ କାମ୍ ମୁଲ୍ କରିଛନ୍ । ଶପଥ୍ ନେବାର୍ ଉତ୍‌ରୁ ଶ୍ରୀ ମାଝୀ ରାଜ୍ୟ ଅତିଥି ଭବନ୍‌ର ଅସ୍ଥାୟୀ କାର୍ଯ୍ୟାଲୟ ନ କାମ୍ କରୁଥିଲେ । ଲୋକ୍‌ସେବା ଭବନ୍‌ର କାର୍ଯ୍ୟାଲୟ ନ ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟ, ମୁଖ୍ୟ ଶାସନ୍ ସଚିବ ଆଉ ମୁଖ୍ୟମନ୍ତ୍ରୀଙ୍କର୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ୍ କରିଥିଲେ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ସବୁ ସର୍‌କାରୀ କାଗଜ୍‌ପତର୍ ଓଡ଼ିଆଥି ତିଆର୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ସାହିତ୍ୟ, ସଂଗୀତ, ନାଟକ୍ ଆର୍ ଲଲିତ କଳା ଏକାଡେମୀର ପୁନଃର୍ଗଠନ୍ ଆର୍ କାର୍ଯ୍ୟଦକ୍ଷତା ବଢ଼ାବାର୍ ଲାଗି ପଦକ୍ଷେପ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଓଡ଼ିଶୀ ଗବେଷଣା କେନ୍ଦ୍ରକେ ଅଏତ୍‌କା କ୍ରିୟାଶୀଳ କରାଯିବାର୍‌କେ ଭାଷା କମିଶନ୍ ଗଠନ୍ ଲାଗି ପଦକ୍ଷେପ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ଇତାର୍‌ସହେତେ ଓଡ଼ିଆ ଭାଷା ଆଉ ସାହିତ୍ୟର୍ ପ୍ରସାର୍ ଲାଗି ଅନୁବାଦ ଏକାଡେମୀ ଗଠନ୍ କରାଯିବା । ସର୍‌କାରୀ ସ୍ତର୍ ନ ଓଡ଼ିଆ ଭାଷାର୍ ବେଭାର୍‌କେ ବ୍ୟାପକ୍ କର୍‌ବାର୍ ଲାଗି ଦର୍‌କାର୍ ହେଲେ ସର୍‌କାରୀ ଭାଷା ଆଇନ୍‌ଥି ସଂଶୋଧନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ କହିଛନ୍ ...

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍ , ବରୁଣେଇ ଠାନେ ପାଇକ ଏକାଡେମୀ ଆର୍ ସ୍ମାରକୀ ନିର୍ମାଣ୍ କାମ୍ ତ୍ୱରାନ୍ୱିତ କରାଯିବା । ରାଜ୍ୟର୍ ଭିନ୍ ଭିନ୍ ଐତିହ୍ୟ ପୀଠରେ ବିକାଶ୍ ଲାଗି ଗୁରୁତ୍ୱ ଦିଆଯିବା । ସବୁ କାମ୍ ଜନସାଧାରଣ୍ଙ୍କର୍ ସାହାଜ୍, ସହଭାଗିତା ଆର୍ ପରାମର୍ଶଥି କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍

ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ୍ -୨୦୨୪ ଆଏଜ୍ ହେଇଯାଇଛେ । ରାଏଜେ ଥିବା ଦୁର୍ବଲ୍ ନଦୀବନ୍ଧ ଆର୍ ଆଘୋନୁ ହେଇଥିବା ଘାଇକେ ଜଲ୍ଦି ମରାମତି କର୍ବାର୍ ଲାଗି ଜଲ୍ସେଚନ୍ ବିଭାଗ୍କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ୍ରାଫ୍ ହେଉଛେ ପହେଲା ରାଜ୍ୟସ୍ତରୀୟ ଡିଜାଷ୍ଟର୍ ରେସ୍ପନ୍ସ ଫୋର୍ସ । ଏଛେନ୍ ରାଏଜେ ୨୦ ଟା ଓଡ୍ରାଫ୍ ୟୁନିଟ୍ ଥିବାର୍ ବେଲେ ଇଟାକେ ୩୦ ଟା ୟୁନିଟ୍ କରାଯିବା ଆଉ ଉତ୍ସର୍ଗୀକୃତ ସଂସ୍ଥାଭାବେ ବିକଶିତ କରାଯିବାର୍କେ ଗୃହ ବିଭାଗ୍ ତରଫୁ ପଦକ୍ଷେପ୍ ନିଆଯିବା ।

ସେନ୍ତା ବିପର୍ଯ୍ୟୟ ସହାୟତା ପାଣ୍ଠିନୁ ୩ ଶହ ୯୪ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ଅଗ୍ନିଶମ ବିଭାଗ୍‌ର ଦକ୍ଷତା ବଢ଼ାଯାଉଛେ । ଇଥିର୍‌ଲାଗି ଆଉ ୨ ଶହ କୋଟି ଟଙ୍କାର୍ ବ୍ୟବସ୍ଥା କରାଯିବା ।

ସେନ୍ତା ରାଏଜେ ୫ ଟା ଆଂଚଲିକ୍ ଅଗ୍ନିଶମ ସେବା କେନ୍ଦ୍ର ଜଲ୍‌ଦି କାର୍ଯ୍ୟକ୍ଷମ କର୍‌ବାର୍‌କେ ବ୍ୟବସ୍ଥା କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଇଲାକା ନ ବଢ଼ି ପରିଚାଲନା ଲାଗି ୨ ଶହ କୋଟି ଟଙ୍କାର୍ ପ୍ରସ୍ତାବ୍ ତୟାର୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଇ ବୈଠକ୍‌ଥି ଦୁହି ଉପମୁଖ୍ୟମନ୍ତ୍ରୀଙ୍କର୍ ସହେତେ ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ସଦସ୍ୟ, ମୁଖ୍ୟ ଶାସନ୍ ସଚିବ ଆଉ ଅଲ୍‌ଗା ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

## ମୁଖ୍ୟ ଉନ୍ନୟନ୍ ଅଧିକାରୀ,କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ମିଲନୀ

ଆର୍‌ଏନ୍‌ୟୁ/ସମ୍ବଲପୁର୍

ଭୁବ୍‌ନେଶ୍ୱର୍ ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ଆର୍ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ଠାନେ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଆର୍ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କର୍ ସମ୍ମିଲନୀ ମୁଲ୍ ହେଇଛେ । ପଂଚାୟତିରାଜ୍ ଆଉ ପାନୀୟଜଳ ଆର୍ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଇ

ସମ୍ମିଲନୀକେ ଉଦ୍‌ଘାଟନ୍ କରିଛନ୍ । ଲୁକ୍‌କର୍ ଲାଗି ସମର୍ପିତ ଭାବ ରଖିକରି ଲୋକାଭିମୁଖୀ କାର୍ଯ୍ୟଧାରାଥି ବିଭାଗୀୟ କାମ୍ ପରିଚାଳନା କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ଦାୟିତ୍ୱ ବାବ୍‌ଦେ ବୁଝେଇକରି ମନ୍ତ୍ରୀ କହିଛନ୍ ଯେ, ଧାଡ଼ିର୍ ସବୁନୁ ଶେଷ୍‌ଥି ଥିବା ଲୁକର୍ ନିକେ ଭିଲ୍ ଯେନ୍ତା ସବୁ ସର୍‌କାରୀ ସୁବିଧା ପୁହୁଁଚିପାର୍‌ବା ସେଥିର୍‌ଲାଗି ବିଭାଗର୍ ଅଧିକାରୀମାନେ ଧ୍ୟାନ୍ ଦେବାର୍ ଦର୍‌କାର୍ ।

ମିଶନ୍ ଶକ୍ତି- ଓଡ଼ିଶା ନ କାର୍ଯ୍ୟକାରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ସମନ୍ୱିତ ମହିଳା ସଶକ୍ତିକରଣ୍ କାର୍ଯ୍ୟକ୍ରମ୍- ମିଶନ୍ ଶକ୍ତିକେ ଓଡ଼ିଶା ନ କାର୍ଯ୍ୟକାରୀ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିର୍ଦ୍ଦେଶ୍ ଦେଇଛନ୍ । ଇ ଯୋଜ୍‌ନାଥି ମହିଳାମାନ୍‌କର୍ ସୁରକ୍ଷା, ନିରାପତା ଆର୍ ସଶକ୍ତିକରଣ୍‌କେ ବର୍‌କସ୍ କର୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇଥି ୱାନ୍ ଷ୍ଟପ୍ ସେଂଟର୍, ମହିଳା ହେଲ୍ପ ଲାଇନ୍, ବେଟି ବଚାଓ ବେଟି ପଢ଼ାଓ, ମହିଳା ସଶକ୍ତିକରଣ୍ ଲାଗି ହବ୍ ତିଆରି, ସଖୀ ନିବାସ, ଶକ୍ତିସଦନ, ଶିଶୁଗୃହ ଆର୍ ପ୍ରଧାନ୍‌ମନ୍ତ୍ରୀ ମାତୃବନ୍ଦନା ବାଗିର୍ କାର୍ଯ୍ୟକ୍ରମ୍ ରହିଛେ । ଇ ନିଷ୍ପତି ଲାଗି ଓଡ଼ିଶା

ସର୍‌କାର୍ ଆର୍ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିତ୍‌ରେ ଭଲ୍ ସମନ୍ୱୟ ରହେବା ।

ରଥ୍‌ଯାତ୍ରା- ସିଧା ପ୍ରସାରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏବା ୭ ତାରିଖ୍ ରଏବାର୍ ଦିନ ରଥଯାତ୍ରା ଅବ୍‌ସରେ ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ତର୍‌ଫୁ ଆର୍ ଓଡ଼ିଶା ସର୍‌କାର୍‌ଙ୍କର୍ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ସହଯୋଗ୍‌ଥି ରଥଯାତ୍ରାର୍ ସିଧାପ୍ରସାରଣ୍ କର୍‌ବାର୍ ବ୍ୟବସ୍ଥା କରାଯାଇଛେ । ଇଥି ଓଡ଼ିଶାର୍ ଜଗନ୍ନାଥ ସଂସ୍କୃତି ବିଶାରଦ ଆଉ ପ୍ରଖ୍ୟାତ ଭାଷ୍ୟକାର୍‌ମାନେ - ଦର୍ଶକ୍‌ମାନ୍‌କୁ ଟିକ୍‌ନିଖି ବିବରଣୀ ଦେବେ । ଡିଡି ଓଡ଼ିଆଥି ରଥ୍‌ଯାତ୍ରାର୍ ସିଧାପ୍ରସାରଣ୍ ଜୁଲାଇ ୭ ତାରିଖ୍ ଦିନ ସଖାଲର୍ ୯ ବଜେନୁ ମୁଲ୍ ହେବା । ସେନ୍ତା ସଖାଲର୍ ୧୦ ବଜେନୁ ହିନ୍ଦୀ, ଇଂଲିଶ୍ ଆର୍ ସଂସ୍କୃତ୍ ଭାଷାଥି ଡିଡି-ଭାରତୀ ଥି ଭିଲ୍ ପ୍ରସାରଣ୍‌ର ବ୍ୟବସ୍ଥା କରାଯାଇଛେ । ଇ ପ୍ରସାରଣ୍ ଡିଡି ଓଡ଼ିଆ ଆର୍ ଡିଡି ନେସ୍‌ନାଲ୍‌ର ୟୁଟ୍ୟୁବ୍ ଚେନାଲ୍‌ଥି ସଖାଲର୍ ୯ ବଜେନୁ ଲାଇଭ୍ ଷ୍ଟ୍ରିମିଂ ଜରିଏ ପ୍ରସାରଣ୍ କରାଯିବା । ଇଥର ରଥ୍‌ଯାତ୍ରା ୨ ଦିନ୍ ହେଉଥିବାର୍‌ନୁ ୮ ତାରିଖ୍ ଦିନ ଭିଲ୍ ସଖାଲର୍ ସାଢ଼େ ୮ ବଜେନୁ ରଥ୍‌ଘିଚାର୍ ସିଧା ପ୍ରସାରଣ୍ କରାଯିବାର୍ ବ୍ୟବସ୍ଥା ହେଇଛେ । ସେନ୍ତା ୯ ତାରିଖ୍ ଦିନ ଆଡ଼ପ ମଣ୍ଡପ୍ ବିଜେ, ୧୫ ତାରିଖ୍ ଦିନ

ବାହୁଡ଼ା ଯାତ୍ରା, ୧୬ ତାରିଖ୍ ଦିନ ସୁନାବେଶ, ୧୭ ତାରିଖ୍ ଦିନ ଅଧରପଣା ଆର୍ ୧୮ ତାରିଖ୍ ଦିନ ନିଳାଦ୍ରୀ ବିଜେର ସିଧାପ୍ରସାରଣ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ତର୍‌ଫୁ ବ୍ୟବସ୍ଥା କରାଯାଇଛେ ।

ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଜିଲ୍ଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ୍‌ର ଆଏଜ୍ ଶୁଭାରମ୍ଭ ହେଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟନୁ ଗୁଟେ ସଚେତନତା ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କରିଥିଲା । ଇ କାର୍ଯ୍ୟକ୍ରମ୍‌କେ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ଉଦ୍‌ଘାଟନ୍ କରିଥିଲେ । ଇଥି ଏନ୍‌ସିସି କେଡ଼େଟ୍, ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ ଆର୍ ଭିନ୍ ଭିନ୍ ବର୍ଗର୍ ଲୋକ୍‌ମାନେ ସାମିଲ୍ ହେଇଥିଲେ । ଇତାର୍‌ଉତ୍‌ରୁ ଜିଲ୍ଲାପରିଷଦ୍ ସମ୍ମିଲନୀ କକ୍ଷ ନ ହେଇଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଲ୍ ପି. ଅନ୍ୱେଷା ରେଡ୍ଡୀ, ନୀତି ଆୟୋଗ୍‌ର ୟୁଥ୍ ପ୍ରଫେସନାଲ୍ ମନୁଜ ଯୋଷୀ ପ୍ରମୁଖ ଉପସ୍ଥିତ୍ ଥିଲେ । କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ଜିଲ୍ଲାକେ ଆକାଂକ୍ଷୀ ଜିଲ୍ଲାଥି ପରିଣତ୍ କର୍‌ବାର୍ ଲାଗି ସଭେ ଶପଥ୍ ପାଠ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ,

ଆକାଂକ୍ଷୀ ଜିଲ୍ଲା ଆର୍ ବ୍ଲକ୍ ନ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ଲୁକ୍‌କର୍ ସର୍ବାଙ୍ଗୀନ ଉନ୍ନତି ଲାଗି ସମ୍ପୂର୍ଣ୍ଣତା ଅଭିଯାନ୍ ମୁଲ୍ କରାଯାଇଛେ । କଲାହାଣ୍ଡି ଜିଲ୍ଲାର୍ ୨ ଟା ବ୍ଲକ୍ ମଦନ୍‌ପୁର୍ ରାମ୍‌ପୁର୍ ଆର୍ ଥୁଆମୁଲ୍ ରାମ୍‌ପୁର୍‌କେ ଆଘୋନୁ ଆକାଂକ୍ଷୀ ବ୍ଲକ୍ ଭାବେ ମାଏନ୍‌ତା ଦିଆଯାଇଛେ । ଇ ଖାସ୍ ଅଭିଯାନ୍ ଆଏବା ୩ ମାସ୍‌ତକ୍ ଚାଲ୍‌ବା ବଲି ସୂଚ୍‌ନା ମିଲିଛେ ।

ନୂଆପଡ଼ା ଦୁର୍ଘଟଣା- ୨ ମୃତ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବେଲ୍‌ଟୁକ୍‌ରୀ ଥାନା ଅଧୀନ୍‌ଥି ଶରଧାପୁର୍ ଗାଁ ପାଖେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୩ ଝନ୍ ଗୁରୁତର୍ ହେଇଛନ୍ । ବାଇକ୍ ଆର୍ ସ୍କୁଟି ଭିତ୍‌ରେ ମୁହାଁମୁହିଁ ଧକ୍କା ହେବାର୍‌ନୁ ଇ ଦୁର୍ଘଟଣା ଘଟିଥିଲା । ଘଟ୍‌ନା ଜାଗା ନ ପୁଲିସ୍ ପହଁଚିକରି ତଦନ୍ତ କର୍‌ବାର୍ ସହେତେ ଦୁହି ଗାଡ଼ିକେ ଜବତ୍ କରିଛନ୍ ।

ବିଜ୍‌ଲି ତାର୍ ଲାଗି ହାତୀ ମୃତ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର୍ ଡିଭିଜନ୍ ସଦର୍ ରେଞ୍ଜ୍ ଝାଙ୍କର୍‌ବାହାଲି ଗାଁ ନ ବିଜ୍‌ଲି ତାର୍ ଲାଗିକରି ଗୁଟେ ମାଈ ହାତୀର୍ ଜୀବନ୍ ଯାଇଛେ ।

ଗଲାକାଏଲ୍ ଡେରି ରାତି ନ ଯୁଯୁମୁରା, ବସିଆପଡ଼ା ଇଲାକା ନ ଗୁଟେ ହାତୀ ଦଲ୍ ଯାଉଥିବାର୍ ବେଲେ ଗୁଟେ ମାଈ ହାତୀର ଦିହେ ବିଜ୍ଲି ତାର୍ ଲାଗିକରି ମୃତ୍ୟୁ ହେଇଥିଲା । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀ ଘଟ୍‌ନାଜାଗା ନ ପୁହଁଚିକରି ତଦନ୍ତ୍ କର୍‌ବାର୍ ସହେତେ ମଲା ହାତୀର୍ ବ୍ୟବଚ୍ଛେଦ କରେଇଛନ୍ ।

ବନ ମହୋତ୍ସବ ନୂଆପଡ଼ା/ ଝାର୍‌ସୁଗୁଡ଼ା- ସମ୍ବଲପୁର୍

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ପରିସର ନ ଯୁବ ରେଡ଼୍‌କ୍ରସ୍ ତର୍‌ଫୁ ୭୫ ନମ୍ବର୍ ବନ ମହୋତ୍ସବ୍ ଆଏଜ୍ ପାଲିତ ହେଇଯାଇଛେ । ଇ ମହୋତ୍ସବ୍‌ଥି ବିଦ୍ୟାଲୟର୍ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଆର୍ ଛାତ୍ରୀମାନେ ଯୋଗ୍ ଦେଇକରି ଚାରା ଗଛ୍ ଲଗେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ମାଲିମୁଣ୍ଡାର ଇକୋପାର୍କ ପରିସର ନ ୭୫ ନମ୍ବର୍ ଜିଲ୍ଲାସ୍ତରୀୟ ବନମହୋତ୍ସବ୍ ପାଲିତ ହେଇଛେ । ଜଙ୍ଗଲ୍ ବିଭାଗ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଝାର୍‌ସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଗ୍ଲୋବାଲ୍ ୱାର୍ମିଂ ନୁ ରକ୍ଷା ପାଏବାର୍ ଲାଗି ବହୁତ୍‌ଟେ ଗଛ୍ ଲଗାବାର୍‌ଟା ହିଁ ଗୁଟେ ନ ଉପେ ବଲି ବିଧାୟକ୍ ଶ୍ରୀ ତ୍ରିପାଠୀ କହିଥିଲେ ।

ରାଜ୍ୟ ଶ୍ରମିକ ସମବାୟ ସମିତି            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ପୁରୁଣାକଟକ୍ ଠାନେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ତର୍‌ଫୁ ଦିନ୍‌କିଆ ତାଲିମ୍ ଶିବିର ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ପୁରୁଣାକଟକ୍ ସରପଂଚ୍ ଅଶୋକ ସେଠୀ ଯୋଗ୍ ଦେଇଥିଲେ । ସାଧାରଣ ଖାଉଟିମାନ୍‌କର୍ ଲାଗି ବଜାର୍ ଦାମ୍‌ନୁ ୧୫ ନୁ ୫୦ ପ୍ରତିଶତ୍ ରିହାତିଥି ଖାଉଟି ଦରବ୍ ସହେତେ ଅଲ୍‌ଗା ଦର୍‌କାରୀ ଦରବ୍ ଯୁଗେଇ ଦେବାର୍ ବିଷେ ଇଥି ଆଲୋଚନା ହେଇଥିଲା ।